# କୃଷି ସୂଚନା ସେବା (ଧାନ)
# ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୯ ମସିହା ମାର୍ଚ୍ଚ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

**ମୁଖ୍ୟଜମିରେ ତଳିରୁଆ ସରିଯାଇଥିଲେ**

- ❖ ରୁଆ ଧାନରେ ମିଶ୍ରିତ ବାଲୁଙ୍ଗା ଦମନ ପାଇଁ ବେନ୍‌ସଲଫ୍ୟୁରାନ୍ ମିଥାଇଲ୍ ସହିତ ପ୍ରେଟିଲାକ୍ଲୋର (ଲୋଣ୍ଡାକ୍ସ ପାୱାର / ଇରେଜ୍ ଷ୍ଟ୍ରଙ୍ଗ୍) ପ୍ରତି ଏକର ପିଛା ୪ କି.ଗ୍ରା. ହିସାବରେ ରୋଇବାର ୫-୧୦ ଦିନ ପରେ ପ୍ରୟୋଗ କରନ୍ତୁ । ଏହା ଦାନାଦାର ହୋଇଥିବାରୁ ପ୍ରତି ଏକର ପିଛା ୪ କି.ଗ୍ରା. ବାଲି ଏହା ସହିତ ମିଶାଇ ବିଲରେ ସମାନ କରି ପ୍ରୟୋଗ କରନ୍ତୁ ।

- ❖ କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ ରୁଆ ଧାନରେ ଏକର ପିଛା ୩ ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ଟି ହୋଇଯିବ, ତେବେ ଏକର ପିଛା ଟ୍ରାଇକୋଗାମା ଜାପୋନିକମ୍ ୨୦,୦୦୦ ଅଣ୍ଡା ସପ୍ତାହ ଅନ୍ତରରେ ତିନିଥର ପ୍ରୟୋଗ କରନ୍ତୁ କିମ୍ବା ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% କୁ ୬୦୦ ରୁ ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା କ୍ଲୋରାନ୍‌ଟ୍ରାନିଲିପ୍ରୋଲ୍ ୪% ଜି.ଆର୍ ୪ କି.ଗ୍ରା.କୁ ୪ କି.ଗ୍ରା. ବାଲି ସହିତ ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍‌ଟ୍ରାନିଲିପ୍ରୋଲ୍ ୧୮.୫% ଏସ୍.ସି ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା ବ୍ୟବହାର କରନ୍ତୁ କିମ୍ବା ଏକର ପିଛା କାର୍ବୋଫ୍ୟୁରାନ୍ ୩% ୧୦ କି.ଗ୍ରା ବ୍ୟବହାର କରନ୍ତୁ ।

**ତଳି ରୋଇବା ଠାରୁ ୧୫ ରୁ ୩୦ ଦିନ ହୋଇଯାଇଥିଲେ**

- ❖ ସକ୍ରିୟ ପିଲ ଅବସ୍ଥା, ଅର୍ଥାତ୍ ତଳି ରୁଆର ୩ ସପ୍ତାହ ପରେ ଏକର ପ୍ରତି ୪୪ କି.ଗ୍ରା. ୟୁରିଆ ପ୍ରଥମ ମୂଳସାର ଭାବରେ ପ୍ରୟୋଗ କରନ୍ତୁ ।

- ❖ ଯେଉଁ ବିଲରେ କୌଣସି ଘାସମରା ଔଷଧ ପ୍ରୟୋଗ କରାଯାଇନଥାଏ, ସେଠାରେ ମିଶ୍ରିତ ବାଲୁଙ୍ଗା ଦମନ ପାଇଁ ପ୍ରତି ଏକର ପିଛା ବିସ୍‌ପାଇରିବାକ୍ ସୋଡିୟମ୍ ୧୦ ଏସ.ସି (ନୋମିନି ଗୋଲ୍ଡ କିମ୍ବା ନରକିସ୍) ୧୨୦ ମି.ଲି. ପ୍ରୟୋଗ କରନ୍ତୁ କିମ୍ବା ଫେନୋକ୍ସାପ୍ରୋ-ପି-ଇଥାଇଲ୍ ୯ ଇ.ସି. (ରୋଇସ୍ ଷ୍ଟାର) ୨୬୦ ଗ୍ରାମ୍ ଓ ଇଥୋକ୍ସିସଲଫ୍ୟୁରୋନ୍ ୧୫ ଡବ୍ଲ୍ୟୁ.ଜି (ସନ୍‌ରାଇସ୍) ୫୦ ଗ୍ରାମ୍, ସ୍ପ୍ରେୟର ମିଶ୍ରିତ ଦ୍ରବଣକୁ ୧୪୦ ଲିଟର ପାଣିରେ ମିଶାଇ ଧାନ ରୋଇବାର ୧୫ ରୁ ୨୦ ଦିନ ରେ ନାପସାକ୍ ସ୍ପ୍ରେୟର ସାହାଯ୍ୟରେ ସିଞ୍ଚନ କରନ୍ତୁ କିମ୍ବା କ୍ଲୋରିମୁରନ୍ ଇଥାଇଲ୍ ସହିତ ମେଟାସଲଫୁରନ୍ ମିଥାଇଲ(ଆଲମିକ୍ସ) ୮ ଗ୍ରାମ୍ ଏକର ପିଛା ୨୦ ରୁ ୨୫ ଦିନ ପରେ ସିଞ୍ଚନ କରନ୍ତୁ ।

- ❖ କାଣ୍ଡବିନ୍ଧା ପୋକର ନିରୀକ୍ଷଣ କରନ୍ତୁ ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ଟି ହୋଇଯିବ, ତେବେ ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% କୁ ୬୦୦ ରୁ ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ

ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା କ୍ଲୋରାନ୍‌ଟ୍ରାନିଲିପ୍ରୋଲ୍ ୪% ଜି.ଆର୍ ୪ କି.ଗ୍ରା.କୁ ୪ କି.ଗ୍ରା. ବାଲି ସହିତ ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍‌ଟ୍ରାନିଲିପ୍ରୋଲ୍ ୧୮.୫% ଏସ୍.ସି ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା ବ୍ୟବହାର କରନ୍ତୁ କିମ୍ବା ଏକର ପିଛା କାର୍ବୋଫ୍ୟୁରାନ୍ ୩% ୧୦ କି.ଗ୍ରା. ପ୍ରୟୋଗ କରନ୍ତୁ ।

- ଯଦି ମେଘୁଆ ପାଗ ସହିତ ଝିପିଝିପି ବର୍ଷା ଲାଗି ରହିଥାଏ ତେବେ ମହିଷାରୋଗ ହେବାର ସମ୍ଭାବନା ଅଧିକ ହୋଇଥାଏ । ଯଦି ମହିଷା ରୋଗର ଲକ୍ଷଣ ଦେଖାଯାଏ ତେବେ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ସହିତ ଟେବୁକୋନାଜୋଲ୍ (ବାନ୍, ବିମ୍) ୦.୬ ଗ୍ରାମ୍ ଏକର ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- କାହାଲିଆ ପୋକ ଲାଗିଥିବା ବିଲରେ ଏକର ପିଛା ଥାୟାମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି ୪୦ ଗ୍ରାମ୍ କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. ୪୦୦ ମି.ଲି. କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ସିଞ୍ଚନ କରନ୍ତୁ ।

******